# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

No RDM-LAA-PURI-0001-2021/ 5061 R&DM, Dated 12 FEB 2021

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ପୁରୀଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଏବଂ ଗୃହ ) ଡିଭିଜନ, ପୁରୀ।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ପୁରୀ ଠାରେ ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : Jayadev Institute of Social Science & Research (JISSR), Bhubaneswar under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା :- Nabakrushna Choudhury Centre for Development Studies , Bhubaneswar ,Phone No. 0674,2300471, 2301094

୫. ପ୍ରକଳ୍ପ ପାଇଁ ପୁରୀ ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତପସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ସରକାରୀ ଜମି | ଅଧିଗ୍ରହିତ ହେବାକୁଥିବା ମୋଟ ଜମି |
|---|---|---|---|---|---|
| ୧ | ପୁରୀ | ବଳଗଣ୍ଡି | ୦.୫୩୯୫ | ୦.୦୯୪ | ୦.୬୩୩୫ |
| ୨ | ପୁରୀ | କୁମ୍ଭାରପଡା | ୦.୬୯୮୫ | ୦.୨୪୩ | ୦.୯୪୧୫ |
| ୩ | ପୁରୀ | ଅଠରନଳା | ୦.୫୫୭୫ | ୦.୧୧୪ | ୦.୬୭୧୫ |
| ୪ | ପୁରୀ | କାଶିହରିପୁର | ୦.୨୦୫ | ୦.୨୪ | ୦.୪୪୫ |
| ୫ | ପୁରୀ | ଅଠରନଳା ଓରଫ ଚିତକରମ୍ଭୁଲି ପାଟଣା | ୦.୧୬୫ | ୦.୧୭୨ | ୦.୩୩୭ |

| | | | | | |
|---|---|---|---|---|---|
| ୬ | ପୁରୀ | ସିରେଇକଣ୍ଠା ପାଟଣା | ୦.୨୧୩ | ୦.୧୦୫ | ୦.୩୧୮ |
| ୭ | ପୁରୀ | ଭାରଥିପୁର | ୦.୬୮୯ | ୦ | ୦.୬୮୯ |
| ୮ | ପୁରୀ | କଦଳିବାଡ଼ୀ ପାଟଣା | ୦.୪୪୯ | ୦.୧୨୯ | ୦.୫୭୮ |
| ୯ | ପୁରୀ | ଆଳିକିଆ | ୦.୪୭୨ | ୦ | ୦.୪୭୨ |
| ୧୦ | ପୁରୀ | ଚକ୍ରବର୍ତ୍ତୀ | ୦.୫୭ | ୦ | ୦.୫୭ |
| ୧୧ | ପୁରୀ | ବାଟଗାଁ | ୦.୭୦୯ | ୦.୦୧୨ | ୦.୭୨୧ |
| | | ସର୍ବମୋଟ | ୫.୩୬୭୫ | ୧.୧୦୯ | ୬.୪୭୬୫ |

a. **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :-** ପୁରୀ ଜିଲ୍ଲା ପୁରୀ ତହସିଲ ଅନ୍ତର୍ଗତ ୧୧ ଗୋଟି ମୌଜାରେ ଏ. ୬.୪୭୬୫ ପରିସୀମାରେ ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରି (ରାସ୍ତା ଏବଂ ଗୃହ ), ଡିଭିଜନ, ପୁରୀ ଙ୍କ ଦ୍ଵାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-** ପୁରୀ ଜିଲ୍ଲା ରେ ଉପରୋକ୍ତ ୧୧ ଗୋଟି ମୌଜା ରେ ଏକର ୫.୩୬୭୫ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :-** ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗ୍ରହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d. **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ସହମତି ଆବଶ୍ୟକ ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଳକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

୧୧/୨/୨୮

ଅଜୟ କୁମାର ନାୟକ

ଅତିରିକ୍ତ ଶାସନ ସଚିବ

Memo No. 5062 /Rev & DM, Dated 12 FEB 2021

Copy along with Land schedule forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

11/02/2021

Deputy Secretary to Government

Memo No. 5063 /Rev & DM, Dated 12 FEB 2021

Copy forwarded to Works Department / Executive Engineer(R&B) Division, Puri for information and necessary action.

11/02/2021

Deputy Secretary to Government

Memo No. 5064 /Rev & DM, Dated 12 FEB 2021

Copy forwarded to RDC(CD), Cuttack /Collector, Puri / Land Acquisition Officer , Puri for information and necessary action.

11/02/2021

Deputy Secretary to Government

Memo No. 5065 /Rev & DM, Dated 12 FEB 2021

Copy forwarded to the State Co-ordinator ,Nabakrushna Choudhury Centre for Development Studies ,Bhubaneswar for information and necessary action.

11/02/2021

Deputy Secretary to Government

Memo No. 5066 /Rev & DM, Dated 12 FEB 2021

Copy forwarded to the Joint Secretary, E-Governance Branch with a request to upload the Notification in the website.

11/02/2021

Deputy Secretary to Government

ଉପପତ୍ର ସଂଖ୍ୟା ...୧୧୩... / ତା...୧୪.୨.୨୧.

ଉକ୍ତ ଅଧିସୂଚନା ମୌଜା- ଚକ୍ରବର୍ତୀ, ଥାନା – ପୁରୀ ଟାଉନ , ତହସିଲ- ପୁରୀ , ଜିଲ୍ଲା-ପୁରୀର ଅବଗତି ନିମନ୍ତେ ଜାରି କରାଯିବାପାଇଁ ପଠାଗଲା ଓ ଅଧିଗ୍ରହଣ ବୃତିର ଏକକିତା ନକଲ ସଲଗ୍ନ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ପୁରୀ
Addl. Dist. Magistrate, (R&R)
Puri

ଉପପତ୍ର ସଂଖ୍ୟା ...୧୧୮(୪)/ ତା...୧୪.୨.୨୧.

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ, ପୁରୀ/ ନିର୍ବାହୀ ଅଧିକାରୀ ମୁନିସିପାଲିଟି, ପୁରୀ/ ଜିଲ୍ଲା ସୂଚନା ଅଧିକାରୀ , ପୁରୀ / ତହସିଲଦାର, ପୁରୀ / ବ୍ଲକ ମହକୁମା, ପୁରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ସାର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା । ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ପୁରୀ
Addl. Dist. Magistrate, (R&R)
Puri